# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**6 April – 2025**

**News Editor : Tapan Kumar Moharana**

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ଶିଳ୍ପ ବିକାଶ ନିମନ୍ତେ ଆଲୋଚନା ଲାଗି ଚାରିଦିନିଆ ନୂଆଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ
- ସମ୍ବଲପୁର ଜିଲ୍ଲାର ପୂର୍ତ୍ତ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ
- ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଜନ୍ମନୀତି ପାଇଁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ

ଏବଂ

- ଓଡ଼ିଆ ପକ୍ଷର ଷଷ୍ଠ ଦିବସରେ ଆଜି ରାଜ୍ୟର ଦେବାଳୟ ଏବଂ ଐତିହ୍ୟସ୍ଥଳିଗୁଡ଼ିକରେ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ

## ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସନ୍ଧ୍ୟାରେ ଚାରିଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଉଛନ୍ତି। ଏହି ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀଙ୍କର ଏକାଧିକ ସରକାରୀ କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି। ରାଜ୍ୟର ଶିଳ୍ପ ସମ୍ଭାବନାକୁ ନେଇ ମୁଖ୍ୟମନ୍ତ୍ରୀ ଆସନ୍ତା ମଙ୍ଗଳବାର ଦିନ ଦିଲ୍ଲୀରେ ଶିଳ୍ପଦ୍ୟୋଗୀଙ୍କ ସହ ଆଲୋଚନା କରିବେ। ଏହି ଅବସରରେ କେତେକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି। ସେହିଭଳି ପାରାଦ୍ୱୀପରେ ନାପ୍ଥା କ୍ରାକର ପ୍ରକଳ୍ପ ପାଇଁ ଆଇ.ଓ.ସି.ଏଲ୍ ସହ ମଧ୍ୟ ଏକ ବୁଝାମଣାପାତ୍ର ସ୍ୱାକ୍ଷରିତ ହେବ। ଦିଲ୍ଲୀ ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ମନ୍ତ୍ରିମଣ୍ଡଳର କେତେକ ସଦସ୍ୟଙ୍କ ସହ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିବେ। ଆସନ୍ତା ବୁଧବାର ଦିନ ମୁଖ୍ୟମନ୍ତ୍ରୀ ପ୍ରତ୍ୟାବର୍ତ୍ତନ କରିବେ।

## ଧର୍ମେନ୍ଦ୍ର ପ୍ରଧାନ-ସମ୍ବଲପୁର

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସମ୍ବଲପୁରର ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସମ୍ମିଳନୀକକ୍ଷଠାରେ ଜିଲ୍ଲାର ପୂର୍ତ୍ତ ବିଭାଗ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ଅଗ୍ରଗତିର ସମୀକ୍ଷା କରିଛନ୍ତି। ସହରର ସୌନ୍ଦର୍ଯ୍ୟକରଣ, ସମଲେଶ୍ୱରୀ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାମ, ରିଂରୋଡ ଓ ରାଜ୍ୟରାଜପଥର ସମ୍ପ୍ରସାରଣ ସହ ପୂର୍ତ୍ତ ବିଭାଗ ଅଧୀନରେ ଆସୁଥିବା ଭିତ୍ତିଭୂମିର ତ୍ୱରିତ ବିକାଶ ଉପରେ ବୈଠକରେ ଆଲୋଚନା କରାଯାଇଛି। ବୈଠକରେ ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପଞ୍ଚାୟତିରାଜମନ୍ତ୍ରୀ ରବିନାରାୟଣ ନାୟକ ଏବଂ ବିଧାୟକ ଜୟନାରାୟଣ ମିଶ୍ରଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ରଥକାଠ ଚିରଟ

ପୁରୀ ଶ୍ରୀମନ୍ଦିରରେ ଶ୍ରୀରାମନବମୀ ଉପଲକ୍ଷେ ଆଜି ମହାପ୍ରଭୁଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେଉଛି। ମଧ୍ୟାହ୍ନ ଧୂପନୀତି ଶେଷ ହେବା ପରେ ଜନ୍ମନୀତି ଅନୁଷ୍ଠିତ ହୋଇଥିଲା। ଏ ନେଇ ଅପରାହ୍ଣ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିଛି। ପରମ୍ପରା ଅନୁଯାୟୀ, ଆଜିଠାରୁ ରଥକାଠ ଚିରଟ ଆରମ୍ଭ ହୋଇଛି। ଶ୍ରୀମନ୍ଦିରରୁ ଆସିଥିବା ଆଜ୍ଞାମାଳ ରଥକାଠ ଉପରେ ରଖି ପୂଜାର୍ଚ୍ଚନା ପରେ ଚିରଟ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୩ଟି କାଠ ଚିରଟ କରାଯାଇଥିବାବେଳେ ପର୍ଯ୍ୟାୟକ୍ରମେ ବାକି କାଠ ଚିରଟ କରାଯିବ। ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି...

**-V/O-***(Arabinda Padhi)*

## ପବିତ୍ର ଶ୍ରୀରାମନବମୀ-ଜିଲ୍ଲା

ପବିତ୍ର ଶ୍ରୀରାମନବମୀ ଆଜି ଅତ୍ୟନ୍ତ ଶ୍ରଦ୍ଧା ଓ ନିଷ୍ଠାର ସହ ପାଳନ କରାଯାଉଛି। ନବରାତ୍ରର ଶେଷଦିନ ତଥା ଚୈତ୍ରମାସ ଶୁକ୍ଳ ନବମୀରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କର ଜନ୍ମଦିନ ପାଳନ କରାଯାଇଥାଏ। ଏହି ଅବସରରେ ମନ୍ଦିରଗୁଡ଼ିକରେ ସ୍ୱତନ୍ତ୍ର ନୀତିକାନ୍ତି ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି।

**ନୟାଗଡ଼** ଜିଲ୍ଲା ଦଶପଲ୍ଲାରେ ଆଜିଠାରୁ ପ୍ରସିଦ୍ଧ ଲଙ୍କାପୋଡି ଯାତ୍ରା ଆରମ୍ଭ ହୋଇଛି। ଲଙ୍କାପୋଡିର ପ୍ରଥମ ପର୍ବ ଶ୍ରୀରାମଙ୍କ ଜନ୍ମରୁ ଆଜିଠାରୁ

ଆରମ୍ଭ ହେବ। ଆସନ୍ତା ୨୩ ତାରିଖରେ ଶ୍ରୀରାମଙ୍କର ରାଜ୍ୟାଭିଷେକ ଅନୁଷ୍ଠିତ ହେବ। ଏହି ଯାତ୍ରା ଦୀର୍ଘ ୧୮ ଦିନ ଧରି ଚାଲିବ।

**ବୌଦ୍ଧ**ର ପ୍ରସିଦ୍ଧ ଶ୍ରୀରାମମନ୍ଦିର ଓ ଦେବଗଡ଼ସ୍ଥିତ ୨୦୦ ବର୍ଷର ପୁରାତନ ଐତିହାସିକ ଶ୍ରୀ ରଘୁନାଥଜୀଉ ମନ୍ଦିରରେ ଶ୍ରୀରାମନବମୀ ଉପଲକ୍ଷେ ସ୍ୱତନ୍ତ୍ର ପୂଜାପାଠର ଆୟୋଜନ କରାଯାଇଥିଲା। ଏଥିସହ ଜିଲ୍ଲାର ବିଭିନ୍ନ ସ୍ଥାନରେ ଶ୍ରୀରାମଲୀଳା ଉତ୍ସବ ଆରମ୍ଭ ହୋଇଛି।

**ଭଦ୍ରକ** ସମେତ ଜିଲ୍ଲାର ୭ଟି ବ୍ଲକ୍‌ରେ ଶ୍ରୀରାମନବମୀ ଉତ୍ସବ ପାରମ୍ପରିକ ରୀତିନୀତିରେ ପାଳିତ ହେଉଛି। ଉପମୁଖ୍ୟମନ୍ତ୍ରୀ  ପ୍ରଭାତୀ ପରିଡା, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଆଜି ଶ୍ରୀରାମନବମୀ ଉତ୍ସବରେ  ଯୋଗଦେଇଥିଲେ।

**ଢେଙ୍କାନାଳ**ର ସପ୍ତଶଯ୍ୟାଠାରେ ରାମନବମୀ ଉପଲକ୍ଷେ ଅଷ୍ଟପ୍ରହରୀ ଓ ନାମଯଜ୍ଞର ଆୟୋଜନ କରାଯାଇଛି। ଦେବୋତ୍ତର ବିଭାଗ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ମୁଖ୍ୟମନ୍ତ୍ରୀ - ଜନଶୁଣାଣି

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ସୂଚନା ଅନୁସାରେ ଆସନ୍ତାକାଲି ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଭୁବନେଶ୍ୱର ୟୁନିଟ-୫ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ହେଉଥିବା ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ

ଜନସାଧାରଣଙ୍କୁ ଗଣମାଧ୍ୟମରେ ଜଣାଇ ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

## ଓଡ଼ିଆ ପକ୍ଷ

ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଓଡ଼ିଆ ପକ୍ଷ-୨୦୨୫ର ଷଷ୍ଠ ଦିବସ ପାଳନ ପରିପ୍ରେକ୍ଷୀରେ ଆଜି ରାଜ୍ୟର ଦେବାଳୟ ଏବଂ ଐତିହ୍ୟସ୍ଥଳୀଗୁଡ଼ିକୁ ସ୍ୱଚ୍ଛ ରଖିବା ଲକ୍ଷ୍ୟ ନେଇ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଛି ।

**ବୌଦ୍ଧ** ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର ବିଭିନ୍ନ ଦେବାଳୟ ଓ ଐତିହ୍ୟସ୍ଥଳିଗୁଡ଼ିକରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ହୋଇଯାଇଛି । ଐତିହାସିକ ହରିହରପୀଠ ଗନ୍ଧରାଡିଠାରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଯୋଗଦେଇ ଦେବାଳୟ ଓ ଐତିହ୍ୟସ୍ଥଳିଗୁଡ଼ିକୁ ସର୍ବଦା ସ୍ୱଚ୍ଛ ରଖିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ ।

**କନ୍ଧମାଳ** ଜିଲ୍ଲା ଫୁଲବାଣୀ ସହରରେ ଶ୍ରୀଜଗନ୍ନାଥ ମନ୍ଦିର, ରାମ ମନ୍ଦିର, ମଧୁଉଦ୍ୟାନ ଆଦି ପୀଠଗୁଡ଼ିକରେ ସଫେଇ କାର୍ଯ୍ୟକ୍ରମ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସମେତ ବହୁ ବୁଦ୍ଧିଜୀବୀ ସାମିଲ ହୋଇଥିଲେ ।

**ନୟାଗଡ଼** ଜିଲ୍ଲା ପ୍ରଶାସନ ପକ୍ଷରୁ ଐତିହ୍ୟ ଓ ପର୍ଯ୍ୟଟନସ୍ଥଳିଗୁଡ଼ିକର ସ୍ୱଚ୍ଛତାକୁ ନେଇ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଜିଲ୍ଲା ସଂସ୍କୃତି ଅଧିକାରୀ ଓ

ସଫେଇକର୍ମୀ ଜିଲ୍ଲାରେ ଥିବା ବିଭିନ୍ନ ଦେବସ୍ଥଳିଗୁଡ଼ିକୁ ସଫେଇ କରିବା ସହିତ ସ୍ୱଚ୍ଛ ଭାରତ-ସ୍ୱଚ୍ଛ ନୟାଗଡ଼ର ବାର୍ତ୍ତା ଦେଇଥିଲେ।

**ମାଲକାନଗିରି** ଜିଲ୍ଲା ସଦର ମହକୁମାସ୍ଥିତ ମଲ୍ଲିକେଶ୍ୱର ଶୈବପୀଠରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଦେବବର ପ୍ରଧାନ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଦେଶର ଦାୟିତ୍ୱବାନ୍ ନାଗରିକ ଭାବେ ପରିବେଶକୁ ସ୍ୱଚ୍ଛ ରଖିବା ସହିତ ଦେବାଳୟ ଓ ଐତିହ୍ୟସ୍ଥଳିର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ।

**ଗଜପତି** ଜିଲ୍ଲା ପ୍ରଶାସନ ପକ୍ଷରୁ ପାରଳାଖେମୁଣ୍ଡିସ୍ଥିତ ସ୍ଥାନୀୟ ବିଏମ୍ ପ୍ୟାଲେସ୍‌ଠାରେ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଜିଲ୍ଲାର ବିଭିନ୍ନ ଐତିହ୍ୟସ୍ଥଳି ଓ ପର୍ଯ୍ୟଟନସ୍ଥଳିକୁ ସଫେଇ କରିଥିଲେ।

## ଓଡ଼ିଆ ପକ୍ଷ

ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଓଡ଼ିଆ ପକ୍ଷ-୨୦୨୫ର ଷଷ୍ଠ ଦିବସ ପାଳନ ପରିପ୍ରେକ୍ଷୀରେ ଆଜି ରାଜ୍ୟର ଦେବାଳୟ ଏବଂ ଐତିହ୍ୟସ୍ଥଳୀଗୁଡ଼ିକୁ ସ୍ୱଚ୍ଛ ରଖିବା ଲକ୍ଷ୍ୟ ନେଇ ସ୍ୱଚ୍ଛତା ଅଭିଯାନ ଆୟୋଜିତ ହୋଇଛି।

**ବୌଦ୍ଧ** ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାର ବିଭିନ୍ନ ଦେବାଳୟ ଓ ଐତିହ୍ୟସ୍ଥଳିଗୁଡ଼ିକରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ହୋଇଯାଇଛି। ଐତିହାସିକ ହରିହରପୀଠ ଗନ୍ଧରାଡିଠାରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା

ଯୋଗଦେଇ ଦେବାଳୟ ଓ ଐତିହ୍ୟସ୍ଥଳିଗୁଡ଼ିକୁ ସର୍ବଦା ସ୍ୱଚ୍ଛ ରଖିବା ପାଇଁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।

**କନ୍ଧମାଳ** ଜିଲ୍ଲା ଫୁଲବାଣୀ ସହରରେ ଶ୍ରୀଜଗନ୍ନାଥ ମନ୍ଦିର, ରାମ ମନ୍ଦିର, ମଧୁଉଦ୍ୟାନ ଆଦି ପୀଠଗୁଡ଼ିକରେ ସଫେଇ କାର୍ଯ୍ୟକ୍ରମ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ସମେତ ବହୁ ବୁଦ୍ଧିଜୀବୀ ସାମିଲ ହୋଇଥିଲେ।

**ନୟାଗଡ଼** ଜିଲ୍ଲା ପ୍ରଶାସନ ପକ୍ଷରୁ ଐତିହ୍ୟ ଓ ପର୍ଯ୍ୟଟନସ୍ଥଳିଗୁଡ଼ିକର ସ୍ୱଚ୍ଛତାକୁ ନେଇ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଜିଲ୍ଲା ସଂସ୍କୃତି ଅଧିକାରୀ ଓ ସଫେଇକର୍ମୀ ଜିଲ୍ଲାରେ ଥିବା ବିଭିନ୍ନ ଦେବସ୍ଥଳିଗୁଡ଼ିକୁ ସଫେଇ କରିବା ସହିତ ସ୍ୱଚ୍ଛ ଭାରତ-ସ୍ୱଚ୍ଛ ନୟାଗଡ଼ର ବାର୍ତ୍ତା ଦେଇଥିଲେ।

**ମାଲକାନଗିରି** ଜିଲ୍ଲା ସଦର ମହକୁମାସ୍ଥିତ ମଲ୍ଲିକେଶ୍ୱର ଶୈବପୀଠରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଦେବବର ପ୍ରଧାନ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଦେଶର ଦାୟିତ୍ୱବାନ୍ ନାଗରିକ ଭାବେ ପରିବେଶକୁ ସ୍ୱଚ୍ଛ ରଖିବା ସହିତ ଦେବାଳୟ ଓ ଐତିହ୍ୟସ୍ଥଳିର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ।

**ଗଜପତି** ଜିଲ୍ଲା ପ୍ରଶାସନ ପକ୍ଷରୁ ପାରଳାଖେମୁଣ୍ଡିସ୍ଥିତ ସ୍ଥାନୀୟ ବିଏମ୍ ପ୍ୟାଲେସ୍‌ଠାରେ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ ଓ

କର୍ମଚାରୀମାନେ ଜିଲ୍ଲାର ବିଭିନ୍ନ ଐତିହ୍ୟସ୍ଥଳି ଓ ପର୍ଯ୍ୟଟନସ୍ଥଳିକୁ ସଫେଇ କରିଥିଲେ।

ଆସନ୍ତାକାଲି ଓଡ଼ିଆ ପକ୍ଷର ସପ୍ତମ ଦିନରେ ଭକ୍ତକବି ମଧୁସୂଦନ ରାଓଙ୍କ ରଚିତ 'ବର୍ଣ୍ଣବୋଧ' ନିମନ୍ତେ ବର୍ଣ୍ଣବୋଧ ବଣ୍ଟନ ଉତ୍ସବ ଭାବେ ପାଳନ କରାଯିବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଏହା ପାଳନ ହେବା ନେଇ ଜଣାପଡିଛି।

## ଯୋଗଦିବସ - ପ୍ରସ୍ତୁତି ବୈଠକ

ଅନ୍ତର୍ଜାତୀୟ ଯୋଗଦିବସ ପାଳନ ପ୍ରସ୍ତୁତି ଉପଲକ୍ଷେ ଆସନ୍ତାକାଲି ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ୍‌ରେ ଏକ ବିଶାଳ ଯୋଗ ମହୋତ୍ସବର ଆୟୋଜନ କରାଯାଉଛି। ଏହି ସମାରୋହ ସହିତ ଆସନ୍ତା ଜୁନ୍ ୨୧ ତାରିଖରେ ହେବାକୁ ଥିବା ଅନ୍ତର୍ଜାତୀୟ ଯୋଗ ଦିବସର ୭୫ଦିନିଆ ଅବଗଣନା ଆରମ୍ଭ ହେବାକୁ ଯାଉଛି। ଆସନ୍ତାକାଲି ସକାଳ ୬ଟା ୩୦ରୁ ୮ଟା ପର୍ଯ୍ୟନ୍ତ ବିଶାଳ ସାଧାରଣ ଯୋଗାଭ୍ୟାସ କାର୍ଯ୍ୟକ୍ରମ କରାଯିବ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆୟୁଷ ମନ୍ତ୍ରଣାଳୟ ସଚିବ ବୈଦ୍ୟ ରାଜେଶ କୋଟେଚା, ଯୁଗ୍ମ ସଚିବ ମୋନାଲିସା ଦାସ ପ୍ରମୁଖ ଯୋଗଦେବେ। ଅନ୍ତର୍ଜାତୀୟ ଯୋଗଦିବସ ପ୍ରସ୍ତୁତି ନେଇ ଆଜି ଭୁବନେଶ୍ୱରଠାରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଯୁଗ୍ମ ସଚିବ ମୋନାଲିସା ଦାସ ସମ୍ମିଳନୀରେ ଯୋଗଦେଇ କହିଛନ୍ତି....

**-V/O-***(Monalisa Das)*

ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରୟାସ କ୍ରମେ ୨୦୧୪ ମସିହାଠାରୁ ଜୁନ୍ ମାସ ୨୧ ତାରିଖକୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବେ ପାଳନ କରାଯାଇଆସୁଛି । ଚଳିତ ବର୍ଷ ଯୋଗ ଦିବସର ବାର୍ତ୍ତା ରହିଛି 'ଗୋଟିଏ ପୃଥିବୀ ଓ ସ୍ୱାସ୍ଥ୍ୟ ପାଇଁ ଯୋଗ' ।

## ଛତିଶଗଡ଼ ରାଜ୍ୟପାଳ

ସମ୍ବଲପୁର କଚେରୀଛକସ୍ଥିତ ଆସାମର ବିଶିଷ୍ଟ କବି ଲକ୍ଷ୍ମୀକାନ୍ତ ବେଜବରୁଆଙ୍କ ସାଧନଗୃହ ଆଜି ଛତଶିଗଡ଼ର ରାଜ୍ୟପାଳ ରାମେନଡେକା ପରିଦର୍ଶନ କରିଛନ୍ତି । ଓଡ଼ିଶା ସରକାରଙ୍କ ପକ୍ଷରୁ ଲକ୍ଷ୍ମୀକାନ୍ତ ବେଜବରୁଆଙ୍କ ସାଧନାଗୃହକୁ ସଂଗୃହୀତ କରାଯାଇଥିବାରୁ ରାଜ୍ୟପାଳ ରାଜ୍ୟସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି । ସୂଚନାଯୋଗ୍ୟ, ୧୦୦ ବର୍ଷ ପୂର୍ବରୁ ଶ୍ରୀ ବେଜବରୁଆ ସମ୍ବଲପୁର ସହରରେ ବ୍ୟବସାୟ କରିବା ସହିତ ସାହିତ୍ୟ ସାଧନା କରୁଥିଲେ ।

## ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

**ବରଗଡ଼** ଜିଲ୍ଲା ଲେଙ୍ଗୁ ମିଶ୍ର ମିନିଷ୍ଟାଡିୟମ୍‌ଠାରେ ୧୫ ବର୍ଷରୁ କମ୍ ବର୍ଗର ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆସନ୍ତାକାଲିଠାରୁ ଆରମ୍ଭ ହେବ । ପ୍ରଥମ ପର୍ଯ୍ୟାୟରେ ୧୫ଟି ଜିଲ୍ଲାରେ ପ୍ରତିଯୋଗିତା ସରିଥିବାବେଳେ ଆସନ୍ତାକାଲି ବରଗଡ଼ ସମେତ ଅନ୍ୟ ଜିଲ୍ଲାଗୁଡ଼ିକରେ ମ୍ୟାଚ୍ ଆରମ୍ଭ ହେବ । ଚୟନକର୍ତ୍ତାମାନଙ୍କ ଦ୍ୱାରା ବଛାଯାଇଥିବା ଖେଳାଳୀମାନେ ଫୁଟବଲ୍ ଆସୋସିଏସନ୍ ଅଫ୍ ଓଡିଶା ପକ୍ଷରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇପାରିବେ ।

## ପାଣିପାଗ

ବଙ୍ଗୋପସାଗରରୁ ପ୍ରବାହିତ ଆର୍ଦ୍ରବାୟୁ ଏବଂ ପଶ୍ଚିମ ଦିଗରୁ ଆସୁଥିବା ଶୁଷ୍କ ବାୟୁ ଫଳରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହେଉଥିବାବେଳେ ଅନ୍ୟ କେତେକ ସ୍ଥାନରେ ଗରମ ଏବଂ ଗୁଳୁଗୁଳି ଅନୁଭୂତ ହେଉଛି। ଆସନ୍ତା ୮ ରୁ ୧୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର କେତେକ ଅଞ୍ଚଳରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଗଜପତି, ରାୟଗଡ଼ା, କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାକୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

*********************************